# ବଡଚଣା : ଗୋଟିଏ ଦିନରେ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ





ଚଣ୍ଡିଖୋଲ, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଯାଜପୁର ଜିଲ୍ଲା ବଡଚଣା ନିର୍ବାଚନ ମଣ୍ଡଳୀର ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର ଦଳୀୟ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶୁକ୍ରବାର ସକାଳୁ ପ୍ରଥମେ ବିଜେପି ପ୍ରାର୍ଥୀ ଅମର ନାୟକ ଓ ବିଜେଡି ପ୍ରାର୍ଥୀନୀ ବର୍ଷା ପ୍ରିୟଦର୍ଶିନୀ ନିଜ ନିଜର ସମର୍ଥକ ଓ କର୍ମୀଙ୍କ ଗହଣରେ ଯାଇ ଚଣ୍ଡିଖୋଲର ପ୍ରସିଦ୍ଧ ପଞ୍ଚକ୍ଷେତ୍ର ମହାବିନାୟକ ଦେବ ଜିଉଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶିଷ ଭିକ୍ଷା କରିଥିଲେ । ପରେ ପରେ ଉଭୟେ ବିରାଟ ଶୋଭାଯାତ୍ରାରେ ମହାବିନାୟକ ପୀଠରୁ ବାହାରି ଯାଜପୁର ଯାଇ ଉପଜିଲ୍ଲାପାଳଙ୍କ ନିକଟରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ ନିଜର ଗ୍ରାମ ଦେବତୀଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା ପରେ ସମର୍ଥକଙ୍କ ଗହଣରେ ଯାଇ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଥିଲେ ।

ବର୍ଷାଙ୍କ ସହ ବହୁ ସଂଖ୍ୟକ ସମର୍ଥକ ଓ ବିଜେଡି କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲା ବେଳେ ଯାଜପୁର ଜିଲ୍ଲା ପରିଷଦ ଉପସଭାପତି ତଥା ବଡଚଣା ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସଚନ୍ଦ୍ର ନନ୍ଦ,ବଡଚଣା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲ୍ଲା ପରିଷଦ ସଭ୍ୟ ଯତିନ୍ଦ୍ରପ୍ରସାଦ ନାୟକ ପ୍ରମୁଖ ତାହାର ନେତୃତ୍ୱ ନେଇଥିଲେ । ସେହିପରି ବିଜେପି ପ୍ରାର୍ଥୀ ଅମର ନାୟକଙ୍କର ହଜାର ହଜାର କର୍ମୀ ଓ ଶୁଭେଚ୍ଛୁ ତାଙ୍କୁ ବୀରାଟ ପଟୁଆରରେ ଯାଜପୁର ପର୍ଯ୍ୟନ୍ତ ନେଇଯାଇଥିଲା ବେଳେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରିତମ ନାୟକ, ସମ୍ପାଦକ ପ୍ରମୋଦ ଜେନା, ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ । କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲଙ୍କ ଶୋଭାଯାତ୍ରା ବାଲିଚନ୍ଦ୍ରପୁର ଠାରୁ ବାହାରି ଚଣ୍ଡିଖୋଲ ଦେଇ ଯାଜପୁର ଯାଇଥିଲା ବେଳେ ଯୁବନେତା ବିଶ୍ୱପ୍ରକାଶ ସାମଲ, ବ୍ଲକ କଂଗ୍ରେସ ସଭାପତି ସୁରେଶ ସାହାଣୀ, ପ୍ରାକ୍ତନ ସରପଞ୍ଚ ସେକ ଲିଆସତ ଅଲ୍ଲି, କରୁଣାକର ରଣା, ଗଗନବିହାରୀ ପରିଡା, ଶ୍ରୀକାନ୍ତ ସାହୁ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ଝଙ୍କଡ ମା ଶାରଳାଙ୍କ ଚନ୍ଦନ ଯାତ୍ରା ଶୁଭାରମ୍ଭ



ତିର୍ତ୍ତୋଲ, (ସବ୍ୟୁ) : ଓଡିଶାର ପ୍ରାଚୀନ ଶକ୍ତିପୀଠ କନକପୁରସ୍ଥିତ ଝଙ୍କଡ ଶାରଳା ପୀଠରେ ମା' ଶାରଳା ଠାକୁରାଣୀଙ୍କ ଚନ୍ଦନ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟା ଦିବସରୁ ଶୁଭାରମ୍ଭ ହୋଇଛି । ଏହି ଚନ୍ଦନ ଯାତ୍ରା ୨୧ ଦିନ ଧରି ଚାଲିବ । ଶୁକ୍ରବାର ପାରମ୍ପରିକ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନ ସମୟରେ ମା'ଙ୍କୁ ବଡସିଂହାର ବେଶ ଓ ଚନ୍ଦନ ଲାଗି କରାଯିବାପରେ ମା'ଙ୍କ ବିଜେ ପ୍ରତିମା ମନ୍ଦିରରୁ ସୁସଜ୍ଜିତ ମଣିମୟ ଆସ୍ଥାନରେ ବିଜେକରି ମନ୍ଦିର ସମ୍ମୁଖକୁ ଆସିଥିଲେ । ପରମ୍ପରା ଅନୁଯାୟୀ ସେଠାରେ ଥିବା ପାଲିଙ୍କିରେ ବିଜେ କଲାପରେ ସେବାୟତ ମାନଙ୍କ ଘଣ୍ଟ. ଘଣ୍ଟା, କାହାଳୀ, ମର୍ଦ୍ଦଳ, ପଖଜ, ଗିନି ପ୍ରଭୃତି ବାଦ୍ୟର ତାଳେତାଳେ ଏକ ପଟୁଆରରେ ହରିବୋଲ ଓ ହୁଳହୁଳି ଧ୍ୱନି ମଧ୍ୟରେ ଚନ୍ଦନ ପୋଖରୀ ଅଭିମୁଖେ ଯାତ୍ରା କରିଥିଲେ । ଚନ୍ଦନ ପୋଖରୀରେ ଏକ ସୁସଜ୍ଜିତ ନୌକାରେ ମା'ଙ୍କ ବିଜେ ପ୍ରତିମା ଉପବେଶନ ପରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ଦିନ ଏକ ଘେରା ଚାପ ଖେଳ ଅନୁଷ୍ଠିତ ହୋଇଥିଲା । ଏହା ପରେ ମା' ଚନ୍ଦନ ପୋଖରୀ ସ୍ଥିତ ଚନ୍ଦନ କୁଣ୍ଡିରେ ବିଶ୍ରାମ ନେଇଥିଲେ । ରାତିରେ ଏକ ଘେରା ଚାପ ଖେଳ ଅନୁଷ୍ଠିତ ହେବ । ଦ୍ୱିତୀୟ ଦିନରେ ଦୁଇ ଘେରା ଚାପ ଖେଳ ଦିନ ଓ ରାତିରେ ଅନୁଷ୍ଠିତ ହେବ । ଏହିପରି କ୍ରମାନ୍ୱୟରେ ୨୧ ଦିନ ପର୍ଯ୍ୟନ୍ତ ଦିନ ଏବଂ ରାତିରେ ୨୧ ଘେରା ଚାପ ଖେଳ ଅନୁଷ୍ଠିତ ହେବାର ପରମ୍ପରା ରହିଛି । ଏଥି ସହ ଅନ୍ୟାନ୍ୟ ଦେବା ଦେବୀ ପୀଠରେ ଦିନକୁ ଥରେ ଚାପ ଖେଳ ହେଉଥିବାବେଳେ ମା ଶାରଳାଙ୍କ ପୀଠରେ ଦିବା-ରାତ୍ର ଦୁଇଥର ଚାପ ଖେଳର ପରମ୍ପରା ଆବାହନ କାଳରୁ ରହି ଆସିଛି । ଗତ ବର୍ଷ ଚନ୍ଦନ ଯାତ୍ରା ସମୟରେ ଅଘଟଣ ଘଟି ବାଣ ବିସ୍ଫୋରଣ ହେଇଥିବାରୁ ଚଳିତ ବର୍ଷ ମନ୍ଦିର ପ୍ରଶାସନ ତରଫରୁ ବାଣ ଫୁଟା ବନ୍ଦ କରାଯାଇଛି ।

# ଭାଗବତ ପାରାୟଣ ଓ ନାମଯଜ୍ଞ

କୋରେଇ, (ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମ ବ୍ରାହ୍ମଣ ଶାସନ ବ୍ୟାସଦେବ ଭାଗବତ ଟୁଙ୍ଗୀର ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ଓ ନାମଯଜ୍ଞ ଶୁଭାକଳସ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ପ୍ରଭାତରେ ଶ୍ରୋତୀୟ ବ୍ରାହ୍ମଣ ବିଷ୍ଣୁ ରଥ ଓ ରମାକାନ୍ତ ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବହୁବର୍ଷ ଧରି ଏହି ପାରମ୍ପରିକ ପାରାୟଣ ପ୍ରତିବର୍ଷ ହୋଇଆସୁଅଛି । ଏହା ସାତଦିନ ବ୍ୟାପି ନାମଯଜ୍ଞ, ପ୍ରବଚନ, ପାରାୟଣ କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ପରେ ପାରାୟଣକୁ ଉଦ୍‌ଯାପିତ କରାଯିବ । ଶୁଭ କଳସ ଅଧିବାସରେ ରଙ୍ଗାଧର ପତି, ଶରତ ଚନ୍ଦ୍ର ମିଶ୍ର, ରବିନାରାୟଣ ପତି, ବୃନ୍ଦାବନ ପତି, ବନମାଳୀ ପତି, ମନୋଜ କୁମାର ମିଶ୍ର, ବିଜୟ କୁମାର ପଣ୍ଡା, ପ୍ରିୟବ୍ରତ ପତି, ସୂର୍ଯ୍ୟ ମଣି ପତି, ଶଶିକାନ୍ତ ପଣ୍ଡା, ସୁଜିତ ରଜଂନ ପାଣିଗ୍ରାହୀ, ହରେକୃଷ୍ଣ ପତି, ଜଗବନ୍ଧୁ ପାଣିଗ୍ରରହୀ, ଅର୍ଜୁନ କୁମାର ନନ୍ଦ, ଦିନବଂଧୁ ପତି, ନିରୋଦ କୁମାର ପତି, ସନ୍ତୋଷ କୁମାର ନନ୍ଦ, ବିଜୟ କୁମାର ପତି, ଚନ୍ଦ୍ରମଣୀ ପତି, ତପନ କୁମାର ପାଣିଗ୍ରାହୀ, ନିତ୍ୟାନନ୍ଦ ପତି, ରଶ୍ମୀରଂଜନ ପତି, ବିଶ୍ୱରଂଜନ ପତି, ସୋମନାଥ ପାଣିଗ୍ରାହୀ, ନୀଳମଣୀ ପତି ପ୍ରମୁଖ ଯୋଗଦେଇ ଭାଗବତ ପାରାୟଣର ଶୁଭ କଳସ ଶୋଭାଯାତ୍ରାରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ବିଜେପିର ମହାମିଶ୍ରଣ



କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଏକ ମହା ମିଶ୍ରଣ ପର୍ବ ଗରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜନଗର ବିଧାୟକଙ୍କ ଗ୍ରାମ ବେଲକଳ ଗ୍ରାମ ପଂଚାୟତରୁ ସରପଂଚ ତିଳୋତମା ବରାଳ ଏବଂ ସମିତି ସଭ୍ୟ କେତକୀ ମହାନ୍ତିଙ୍କ ସମେତ ଶତାଧିକ ବିଜେଡି କର୍ମୀ ଦଳ ଛାଡି ବିଜେପି ଦଳରେ ଯୋଗ ଦେଇଛନ୍ତି । ଏମାନଙ୍କ ସହ ପୂର୍ବତନ ଛାତ୍ର ବିଜେଡି ବ୍ଲକ ସଭାପତି ବିକ୍ରମ ବାରିକ, ପୂର୍ବତନ ଜିଲ୍ଲା ଯୁବ ବିଜେଡି ସାଧାରଣ ସଂପାଦକ ଅଜୟ ଲେଙ୍କା, ଗୋବିନ୍ଦ୍ର ଚନ୍ଦ୍ର ମହାନ୍ତିଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଆୟୋଜିତ ଏହି ମିଶ୍ରଣ ପର୍ବରେ ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ସମେତ ବିନ୍ଦୁ ସାଗର ଦାସ, ମାନସ ରନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ମୃତିରେଖା ପହି ପାଇଲେ ବିଜେପି ଟିକଟ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କ ଟିକଟ ପାଇବା ନେଇ କିଛି ଦିନ ହେଲା ଲାଗିରହିଥିବା କଳ୍ପନା ଜଳ୍ପନାର ଆଜି ଅବସାନ ଘଟିଛି । ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସ୍ମୃତିରେଖା ପହିଙ୍କୁ ଦଳ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ଘୋଷଣା ପରଠାରୁ ତାଙ୍କ ପ୍ରାର୍ଥିତ୍ୱ ବଦଳୀ ପାରେ ବୋଲି ଆଲୋଚନା ହେଉଥିଲା । ଦଳୀୟ ଟିକଟ ପରିବର୍ତନ ନେଇ ବିଭିନ୍ନ ତାରିଖ ସାମନାକୁ ଆସିଥିଲା । ପୁଣି ଏହି ଗୁଜବ ବାରମ୍ବାର ସାମନାକୁ ଆସିବା ସହିତ ସ୍ମୃତିରେଖାଙ୍କୁ ଦଳୀୟ ଟିକଟ ମିଳିବ ନାହିଁ ବୋଲି ଆଲୋଚନା ହୋଇଥିଲା । ଯାହାକୁ ଲୋକେ ସହଜରେ ଗ୍ରହଣ କରିନେଇଥିଲେ । ଆଜି ଯାଜପୁର ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ବିଜେପି ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଧର୍ମଶାଳା ପ୍ରାର୍ଥୀ ସ୍ମୃତିରେଖା ପହି ନାମାଙ୍କନ ନକରିବା ସାଧାରଣ ଲୋକଙ୍କ ସନ୍ଦେହକୁ ଅଧିକ ଦୃଢିଭୁତ କରିଥିଲା । ହେଲେ ଆଜି ଅପରାହ୍ନରେ ସ୍ମୃତିରେଖା ପହି ଦଳୀୟ ଟିକଟ ଆଣି ତାଙ୍କ ଫେସ ବୁକରେ ଅପଲୋଡ କରିବା ପରେ ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଥିଲା ।

# ଆଧ୍ୟାତ୍ମିକ କବିତା ଆସର ଓ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନବଉତ୍କଳ ଲେଖକ ପରିଷଦ, ଉର୍ବୀ ସାହିତ୍ୟ ପତ୍ରିକା ଓ ପରିବାର ସଂଗଠନ ପକ୍ଷରୁ ମା' ବେଲେଶ୍ୱରୀଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଅବସରରେ ଏକ ଆଧ୍ୟାତ୍ମିକ କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଉର୍ବୀର ସମ୍ପାଦକ ଶିଖର କବି ଶ୍ରୀଧରଶେଖର ମହାପାତ୍ର ଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ଶକ୍ତି ଉପାସକ ପ୍ରାଧ୍ୟାପକ ବିରୁପାକ୍ଷ ରାୟ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ଼ଃ. ନିଖିଳେଶ ମହାନ୍ତି , ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଶାରଦାପ୍ରସାଦ ମିଶ୍ର, ପରିବାର ସଭାପତି ବଲ୍ଲଭଚରଣ ପଲେଇ, ନାଟ୍ୟକାର ରବୀନ୍ଦ୍ରନାଥ ସେଠୀ ଯୋଗ ଦେଇ ଶକ୍ତି ତତ୍ତ୍ୱ ଓ ମା ବେଲେଶ୍ୱରୀଙ୍କ ଆର୍ଶିବଚନ ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ଶିଶୁ କବି ମହେନ୍ଦ୍ର ଘଡ଼ାଇ ଓ ଯୁବ କବି କ୍ଷୀରୋଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଶ୍ରୀନିବାସ ସାହୁ, ଦୁର୍ଗାପ୍ରସାଦ ରାୟ, ଶରତଚନ୍ଦ୍ର ରାଉତ, ରାମଚନ୍ଦ୍ର ସାହୁ, ଦୀପାଞ୍ଜଳୀ ମିଶ୍ର, ମିନତୀ ନାୟକ, ଶ୍ୟାମସୁନ୍ଦର ଲେଙ୍କା, ଖଗେଶ୍ୱର ମହାନ୍ତି, ଗୀତାଞ୍ଜଳୀ ନାୟକ, ରାଜକିଶୋର ମିଶ୍ର, ଗୌତମଚରଣ ଜେନା, ପ୍ରଫୁଲ୍ଲ କୁମାର ସାହୁ, କୃଷ୍ଣଚନ୍ଦ୍ର ନାୟକ, ସୁଶାନ୍ତ ନାୟକ, ବିପିନ ବିହାରୀ କର, ରଘୁନାଥ ମହାନ୍ତି, ମାନସ ଦାସ, ସମ୍ବିତ୍ ଦାସ,ଅକ୍ଷୟ କୁମାର ଷଡଙ୍ଗୀ, ରବେୟା ସରୱର, ସୟଦ ଆଲେନବି, ସେକୁ ମୁଜାଫିର ଅହେମ୍ମଦ ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ । ପରିବାରରର ସମ୍ପାଦକ ସ୍ତମ୍ଭକାର ପ୍ରମୋଦ କୁମାର ନାୟକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ମା, ବେଲେଶ୍ୱରୀ ଉନ୍ନୟନ କମିଟିର ସମସ୍ତ କର୍ମକର୍ତ୍ତାଙ୍କୁ ମାନପତ୍ର , ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶୁଭମ୍ ସତ୍ୟଜିତ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଆଜି ବାଇକ ଦୁର୍ଘଁଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଆଜି ମଧ୍ୟାନ୍ନରେ ବାଇକ ଯୋଗେ ଯାଜପୁରରୋଡରୁ ପାଣିକୋଇଲି ଆସୁଥିବା କୋରେଇ ଥାନା ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ଅଭିମନ୍ୟୁ ପେରେଇ ତାଙ୍କ ସହଯାତ୍ରୀଙ୍କ ସହ ଆସୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ଅଶୋକ କୁମାର ଦାସ ଓ ହରେକୃଷ୍ଣ ସାହୁ ସେଠାରେ ପହଂଚି ଆହତ ଦ୍ୱୟଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟକୁ ପଠାଇଥିଲେ ।

## ସାଲେପୁର ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ସାଲେପୁର, (ସବ୍ୟୁ) : ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେପି ଦଳର କାର୍ଯ୍ୟକର୍ତା ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସାଲେପୁର ବିକେ ମଣ୍ଡପରେ ଚନ୍ଦ୍ରାଦେଇପୁର ମଣ୍ଡଳର ସଭାପତି ବିକ୍ରମ କେଶରୀ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ବିଜେପି ସାଂସଦ ପାର୍ଥି ବୈଜନ୍ତ ପଣ୍ଡା ଯୋଗଦେଇ ଓଡ଼ିଶାରେ ଏଥର ବଡ ପରିବର୍ତ୍ତନର ବାତାବରଣ ବହୁଛି । ଦୁଇଥର ପଦ୍ମ ଦୁଇ ଗୁଣ ବିକାଶର ବାର୍ତ୍ତା କହି ଉପସ୍ଥିତ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ । ବିଶିଷ୍ଟ ଅତିଥିଭାବେ ସାଲେପୁର ନିର୍ବାଚନ ମଣ୍ଡଳିର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାଏ ଯୋଗଦେଇ ୨୫ ବର୍ଷରେ ଯାହା ଓଡିଶା ଦେଖି ନଥିଲା ଯାହା ଘଟିନଥିଲା ତାହା ଜୁନ ୪ ରେ ଓଡ଼ିଶାବାସୀ ଦେଖିବେ କହି କର୍ମୀ ମାନଙ୍କ ମନରେ ଜୋସ ଭରିଥିଲେ । ଏହି କର୍ମୀସମ୍ମିଳନୀ ରେ କଟକ ଜିଲ୍ଲା ବିଜେପି ସଭାପତି ରାମନାରାୟଣ ମହାନ୍ତି ,ବରିଷ୍ଠ ବିଜେପି ନେତା କୁଞ୍ଜ ମୋହନ ସେଠୀ,ପୂର୍ବତନ କଟକ ଜିଲ୍ଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ଯୁବନେତା ରଶ୍ମିରଞ୍ଜନ ଲେଙ୍କା ଅତିଥିଭାବେ ଯୋଗଦେଇ ଥିଲେ । ଏହି ଅବସରରେ ବିଜେଡି ଦଳ ଛାଡି ସାଲେପୁର ଅଞ୍ଚଳର ଯୁବ ନେତା ତଥା ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି,ପୂର୍ବତନ ସରପଞ୍ଚ ଧ୍ରୁବ ଚରଣ ମହାନ୍ତି, ବିଶ୍‌ଜିତ ଷଡ଼ଙ୍ଗୀ, ପ୍ରସନ ମିଶ୍ର ଓ ଶ୍ରୀ ମହାନ୍ତିଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେପିରେ ସାମିଲ ହୋଇଥିଲେ । ନୂତନ ଭାବେ ସାମିଲ ହୋଇଥିବା ଶ୍ରୀ ମହାନ୍ତି ଓ ସମସ୍ତ କର୍ମୀ ମାନଙ୍କୁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଦଳିଅ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ ।

# କାର-ବାଇକ୍ ଧକ୍କା, ଦୁଇ ମୃତ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ଥାନା ଅନ୍ତର୍ଗତ ତଅଁରା ପଂଚାୟତର ବାଲିକୁଦାଠାରେ ଆଜି ଅପରାହ୍ନ ୩ଟା ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ମୃତୁବରଣ କରିଛନ୍ତି । ମୃତକ ମାନେ ହେଲେ ତଅଁରା ଗ୍ରାମର ଶାରଦା ବାରିକଙ୍କ ପୁଅ ଶୁକଦେବ ବାରିକ (୨୫) ଏବଂ ସେହି ଗ୍ରାମର ଅଶୋକ ବାରିକଙ୍କ ପୁଅ ଶଶିକାନ୍ତ ବାରିକ(୩୫) । ଘଟଣାରୁ ପ୍ରକାଶ ମୃତକ ଦୁଇଜଣ ଏମଏଚ୦୪ଇଜେଡ ନଂ ଏକ ହିରୋହୁଣ୍ଡା ମୋଟର ସାଇକେଲରେ ଦ୍ରୁତଗତିରେ ସାଦେଇପୁର ପଟୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ସାମନା ତଅଁରା ପଟୁ ଆସୁଥିବା ଓଡି୦୫ବିଇ ୧୭୪୮ ମାରୁତି ଡିଜେଆର କାରରେ ଧକ୍କା ଦେଇଥିଲେ । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲାଯେ ଦୁଇ ବାଇକ ଆରୋହୀ କାର ତଳେ ପଶି ଯାଇଥିଲେ । ଶବ୍ଦ ଶୁଣି ଆଖପାଖରେ ଥିବା ଲୋକମାନେ ତଅଁରା ପଂଚାୟତ ସରପଂଚ ବଟକୃଷ୍ଣ ନାୟକଙ୍କ ସହାୟତାରେ ଦୁଇଜଣଙ୍କୁ ଗୁରୁତର ଭାବେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ପରନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ସଦଳବଳେ ଘଟଣା ସ୍ଥଳରେ ପହଂଚି ଘଟଣାର ଛାନଭିନ କରିଥିବା ଜଣାଯାଇଛି ।

# ନରେନ୍ଦ୍ରପୁର ପଞ୍ଚାୟତରେ ବିଜେଡ଼ି କର୍ମୀ ସମ୍ମିଳନୀ




ନିଶ୍ଚିନ୍ତକୋଇଲି, (ସବ୍ୟୁ) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ସ୍ତରୀୟ ବିଜେଡ଼ି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । କେଶବ ଚନ୍ଦ୍ର ଲାଲାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗ ଦେଇ ବିଜେଡ଼ି ଦଳର ନେତା ଏଥର ପୁର୍ନବାର ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ପାଇଁ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡ଼ି ଶଙ୍ଖରେ ସୁଇଚ୍ ଚିପି ବିପୁଳ ସଂଖ୍ୟାରେ ସମର୍ଥନ ଦେବାକୁ ଆହ୍ୱାନ ଦେଇଥିଲେ ।

ବିଜେପି ଓ କଂଗ୍ରେସ ଦଳର ନେତା ଓ ନେତୃତ୍ୱ ଠିକ୍ ନଥିଲା ବେଳେ ଏକ ସମୃଦ୍ଧ ରାଜ୍ୟ ଗଠନ ପାଇଁ ବିଜେଡ଼ି ସରକାର କୁ ଶାସନ ଭାର ଦେବା ପାଇଁ ଲୋକମାନଙ୍କର ସହଯୋଗ ଲୋଡ଼ିଛନ୍ତି । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନମିତା ରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଂଜନ ମହାପାତ୍ର, ନରେନ୍ଦ୍ର ବାରିକ, ପର୍ଯ୍ୟବେକ୍ଷକ ବ୍ରଜମୋହନ ପଣ୍ଡା, ପୂର୍ବତନ ସରପଞ୍ଚ ନିରଞ୍ଜନ ସାହୁ, ଗଙ୍ଗାଧର ସାହୁ, ମହିଳା ନେତ୍ରୀ ସତ୍ୟଭାମା ନାୟକ, ଯୁବନେତା ସନ୍ତୋଷ ସିଂ, ଆଇନଜୀବୀ ଭିକାରୀ ସେଠୀ, ହିମାଂଶୁ ମହାନ୍ତି, ମିର୍ଜା ଅବୁଲ ବେଗ୍, ସେକ୍ ଅବଦୁଲ ବାରିକ୍, ପ୍ରଫୁଲ୍ଲ ସାହୁ, ପ୍ରଦ୍ୟୁମ୍ନ ନାୟକ, ରଶ୍ମୀରଂଜନ ସାହୁ,ସୁକାନ୍ତୀ ମାହାଳୀ ପ୍ରମୁଖ ଯୋଗ ଦେଇ ବିଜେଡ଼ି ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସଂକ୍ରାନ୍ତରେ ଆଲୋଚନା କରି ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଆବେଦନ କରିଥିଲେ ।

# ଅକ୍ଷୟ ତୃତୀୟା ଆମକୁ ନୂତନ ପ୍ରେରଣା ଯୋଗାଇଛି



କୁଜଙ୍ଗ, (ସବ୍ୟୁ) : ପବିତ୍ର ଅକ୍ଷୟ ତୃତୀୟା ଆମକୁ ନୂତନ ପ୍ରେରଣା ଯୋଗାଇ ଆସୁଛି । ଏହି ଦିନରେ ଆମେ ଯେକୌଣସି ଶୁଭକାର୍ଯ୍ୟ କରିଥାଉ । ଓଡିଆ କୃଷକ ମାନଙ୍କ ପାଇଁ ଏହା ଏକ ମହାନ ଦିବସ । ରଥ କାଠ ଅନୁକୂଳ, ଓ ଶ୍ରୀ ଜଗନ୍ନାଥଙ୍କୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ନିଆଯାଇ ସେଠାରେ ନୌକା ଯୋଗେ ଚାପ ଖେଳ କରାଯାଏ ।

ଏହି ଦିନ ମା ଲକ୍ଷ୍ମୀଙ୍କର ପବିତ୍ର ଦିବସ ବୋଲି ଆମେ ବିଶ୍ୱାସ କରିଛୁ । ଏହି ଦିବସର ତାତ୍‌ପର୍ଯ୍ୟ ବର୍ଣ୍ଣନା କରି ଅତିଥିମାନେ ଭାଷଣ ଦେଇଥିଲେ । ଅଗ୍ରଦୂତ ପକ୍ଷରୁ ଆୟୋଜିତ ସାହିତ୍ୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଅବଳା ସଂସ୍କୃତି ମଣ୍ଡପରେ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କବି ପିତାମ୍ବର ତରାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମୀଣ ଜନ ଜୀବନରେ କୃଷିର ଉତ୍‌କର୍ଶତା, ଶାରଳା ସାହିତ୍ୟଠାରୁ ଆଧୁନିକ ଓଡିଆ ସାହିତ୍ୟରେ ଅତି କାଳଜୟୀ ବୋଲି ବର୍ଣ୍ଣନା କରିଥିଲେ । ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ମୁଖ୍ୟବକ୍ତ ଭାବେ ଏହି ଦିବସର ତାପର୍ଯ୍ୟ ମହାନ ବୋଲି ବର୍ଣ୍ଣନା କରିଥିଲେ । କବି ନବୀନ କୁମାର ପ୍ରଧାନ ଓ ଶୁବାସ କୁମାର ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

ସୁରେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୀତା ଦାସ, ନିରଜଂନ ରାଉତ, ରୁନୀବାଳା ମଲ୍ଲିକ, ପ୍ରଭାତୀ ମାଝି, ସରୋଜିନି ମିଶ୍ର ପ୍ରମୁଖ ଅକ୍ଷୟ ତୃତୀୟା ଉପରେ ସ୍ୱରଚିତ କବିତା ଆବୃତି କରିଥିଲେ । କବି ସୁରେଶ କୁମାର ପ୍ରଧାନଙ୍କୁ ସମ୍ମାନୀତ କରାଯାଇଥିଲା ।

# କୃଷକ ବିକାଶ ସମବାୟ ସମିତିର ଚାଷୀ ସମାବେଶ

କେନ୍ଦ୍ରାପଡ଼ା,(ସବ୍ୟୁ) : କେନ୍ଦ୍ରାପଡା ର ଅଗ୍ରିମ ଚାଷୀ ଅନୁଷ୍ଠାନ ଭାବେ ପରିଚିତ କୃଷକ ବିକାଶ ସମବାୟ ସମିତିର ଏକ ବିଶାଳ ଚାଷୀ ସମାବେଶ ଗୋପ ଠାରେ ଅନୁଷ୍ଠିତ ହୋଇ ଯାଇଛି । କୃଷକ ସମବାୟ ସମିତିର ସଭାପତି ସମବାୟବିତ୍ ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପ୍ରତିଷ୍ଠାତା ସଭାପତି ଭାରତୀୟ ଜଳବାୟୁ କଂଗ୍ରେସ ର ଡ଼ଃ ସଂଜୟ ସାମ'ରାୟ, ମୁଖ୍ୟବକ୍ତା ଭାବେ ଉଦ୍ଭିଦ ରୋଗ ନିଦାନ ବିଶେଷଜ୍ଞ ପ୍ରଫେସର ଡ଼ଃ ଆଦିତ୍ୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ କୃଷି ବିଭାଗର ଗୁରୁ ପ୍ରସାଦ ତ୍ରିପାଠୀ, ଗୋସେବିକା ଅଧ୍ୟାପିକା ଡ଼ଃ ନିରୁପମା ରାଉତ, ଏରିଆ ମ୍ୟାନେଜର ଇଫକୋ(ଯାଜପୁର) ଅରୁଣ କୁମାର ବେହେରା, ସମ୍ମାନିତ ବକ୍ତାଭାବେ ଭାଗିରଥୀ ବିଶ୍ୱାଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ବିଶେଷଜ୍ଞ ଡାକ୍ତର ସୌମ୍ୟ ରନ ଦାଶ ପ୍ରମୁଖ ଯୋଗ ଦେଇ କୃଷକ ବିକାଶ ଓ ଚାଷୀର ଉନ୍ନତି ପଇଁ ପରାମର୍ଶ ପ୍ରଦାନ କରିଥିଲେ । ଚାଷର ଉନ୍ନତି ଏବଂ ଆଧୁନିକରଣ ଚାଷ ପାଇଁ କୃଷକ ବିକାଶ ସମବାୟ ସମିତି ସର୍ବଦା ଚାଷୀ ମାନଙ୍କୁ ସହଯୋଗ କରୁଥିବା ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ । କେନ୍ଦ୍ରାପଡା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ବହୁ ଚାଷୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ଏହି ଅବସର ରେ ୩ଟି ଜିଲ୍ଲାର ଚାଷୀ, କୃଷି ସମବାୟ ସମିତିର ସଂପାଦକଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇ ଥିଲା । କାର୍ଯ୍ୟକ୍ରମ ରେ ବରିଷ୍ଠ ସମାଜ ସେବିକା ଦୌପଦୀ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସୁଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମାତୃ ପୂଜନ ଓ ଶ୍ରୀଜଗନ୍ନାଥ ଦିବ୍ୟ କଥାମୃତ



ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକ୍ ବଡବେତରା ଗ୍ରାମ ପଂଚାୟତ କୁସୁନପୁର ଗ୍ରାମରେ ବାସୁଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ଦିବ୍ୟ କଥାମୃତ ଅନୁଷ୍ଠିତ ହୋଇଯାଇଛି । ଧର୍ମପରାୟଣା ମହିଳା ପ୍ରମିଳା ବେଉରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଏହି କଥାମୃତ କାର୍ଯ୍ୟକ୍ରମରେ ଚାରଣ ଗୋଷ୍ଠୀ କଟକ ଜିଲ୍ଲା ସଂଗଠକ ପଣ୍ଡିତ ଲିଙ୍ଗରାଜ ପତି ସଭା ପରିଚାଳନା କରିଥିଲେ ।

ନିଗମ କଳ୍ପତରୁ ଆଶ୍ରମର ମଠାଧୀଶ ପୂଜ୍ୟ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଜଗତରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା , ଆମ ସଂସ୍କୃତିକୁ ବଂଚାଇ ରଖିବା , ମାତୃପୂଜନ ଓ ଗୁରୁ ପରମ୍ପରାକୁ ସମ୍ମାନ ଦେବା ସମ୍ପର୍କରେ ବାର୍ତା ପ୍ରଦାନ କରିଥିଲେ । ବ୍ରହ୍ମଚାରୀ ଆନନ୍ଦ ଚୌତନ୍ୟ, ପୁରୀ ଶ୍ରୀମନ୍ଦିର ସେବାୟତ ବିଶ୍ୱାବସୁ ଦଇତାପତି ବିନାୟକ ଦାସ ମହାପାତ୍ର, ଆଦିତ୍ୟ ବାହିନୀର ରାଷ୍ଟ୍ରୀୟ ମାର୍ଗଦର୍ଶକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଆଦିତ୍ୟ ବାହିନୀର ମହାସଚିବ ଡ. ଶୁଭେନ୍ଦୁ ସ୍ୱାଇଁ, କୋଷାଧ୍ୟକ୍ଷ ଅଜୟ କୁମାର ନାୟକ, ଦଇତାପତି ଅନାଥ ଦାସ ମହାପାତ୍ର, ମୁକ୍ତିମଣ୍ଡପ ପଣ୍ଡିତ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ କଥାମୃତ ସହିତ ପିତାମାତାଙ୍କ ମହନୀୟତା ବିଷୟରେ ଆଶୀର୍ବଚନ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମଂଚାସୀନ ଅତିଥିମାନଙ୍କୁ ଖଣ୍ଡୁଆପାଟ, ମହାପ୍ରଭୁଙ୍କ ଶ୍ରୀବିଗ୍ରହ ଓ ତୁଳସୀ ଚାରା ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ।

ଚାରଣମାନେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ବିଷ୍ଣୁ ସହସ୍ରନାମ, ଶ୍ରୀମଦ୍‌ଭାଗବତ ଗୀତା, ହନୁମାନ ଚାଳିଶା ପାଠ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ତତ୍‌ପରେ ବାସୁଦେବ ସଂକୀର୍ତନ ମଣ୍ଡଳୀ ଦ୍ୱାରା ମହାପ୍ରଭୁଙ୍କ ଭଜନ ପରିବେଷଣ କରାଯାଇଥିଲା ।

ବିଭିନ୍ନ ସାହିତ୍ୟ ସୃଜନୀ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବରିଷ୍ଠ ସାମ୍ବାଦିକ ଜ୍ଞାନବଲ୍ଲଭ ମହାନ୍ତି, ସ୍ନିଗ୍ଧା ନାୟକ, ଲକ୍ଷ୍ମୀପ୍ରିୟା ମାଇତି, ଚକ୍ରଧର ପୁଝାରୀ, ସମାଜସେବା କ୍ଷେତ୍ରରେ ଶ୍ରୀକାନ୍ତ ନାୟକ, ରେଣୁକା ସିଂହ, ଡାକ୍ତର ଦେବଦତ ସାମନ୍ତରାୟ, ଡ. ରାଜଲକ୍ଷ୍ମୀ ଜେନା, କଣ୍ଠଶିଳ୍ପୀ ଆର୍ଯ୍ୟସୂତା ପରିଡା ଓ ସୂର୍ଯ୍ୟସ୍ନାତା ମହାନ୍ତି , ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ସେବାୟତଙ୍କୁ ଶ୍ରୀବିଗ୍ରହ, ଉପଢୌକନ, ତୁଳସୀ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୁହୁଣ୍ଡାରେ ଗଣକବିଙ୍କ ୬୮ତମ ଶ୍ରଦ୍ଧାଞ୍ଜଳି ସଭା

କୁଆଁପାଳ, (ସବ୍ୟୁ) : ପ୍ରଖ୍ୟାତ ସାରସ୍ୱତ ସାଧକ,ଗୀତି ନାଟ୍ୟକାର ଗଣକବି ବୈଷ୍ଣବ ପାଣିଙ୍କ ୬୮ ତମ ଶ୍ରାଦ୍ଧ ବାର୍ଷିକ ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତରେ କଲ୍ୟାଣପୁର ବଜାର ଏବଂ ଗଣକବି ସାହିତ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ସାମାଜିକ କର୍ମୀ ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରବିନ୍ଦ୍ର ନାଥ ଦାସ ଯୋଗଦେଇ ଗଣକବିଙ୍କୁ ଜଣେ କାଳଜୟୀ ସାରସ୍ୱତ ସାଧକ ଭାବେ ଅଭିହିତ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବେ ସମାଜସେବୀ ଅଚ୍ୟୁତାନନ୍ଦ ପଲେଇ,ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭାବଗ୍ରାହୀ ରାଉତ,ଆଇନଜୀବୀ ଲଛମନ୍ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ। ବଜାର କମିଟି ସମ୍ପାଦକ ସୁଶାନ୍ତ ଦାସ,କେଦାରେଶ୍ୱର ପୁହାଣ,ଯୁବ ସଂଗଠକ ରବିନ୍ଦ୍ର ପୃଷ୍ଟି,ସୁମନ୍ତ ପଲେଇ,କମିଟି ସହ ସମ୍ପାଦକ ପ୍ରକାଶ ବେହେରା,ପ୍ରତାପ ମହାନ୍ତି,ଅମୁଲ୍ୟ ପଲ୍ଲେଇ,ଅବଦୁଲ ହମିଦ,କ୍ଷୀରୋଦ ଦାସ,ରମେଶ ବେହେରା,ସରୋଜ ଦାସ,ସଚିତ୍ର ମହାନ୍ତି,ମନୋରଞ୍ଜନ ଦାସ,ଅଜୟ ନାୟକ,ଭରତ ଦାସ,ରାଜକିଶୋର ବେହେରା,ଟୁଲୁ ବେହେରା,ଶ୍ୟାମସୁନ୍ଦର ବେହେରା,ଜୟଦେବ ମହାନ୍ତି ଓ ଭାଗ୍ୟଧର ସାହୁ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଓ ବଜାର କମିଟି ସଭ୍ୟମାନେ ଯୋଗଦେଇ ଗଣକବିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

